# ଗ୍ରାମୀଣ କୃଷି ମୌଷମ ସେବା
## ଭାରତୀୟ ପାଣିପାଗ ବିଭାଗ
## ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ମହିଷାପାଟ,ଢେଙ୍କାନାଳ – ୭୫୯୦୧୩
## ସପ୍ତାହ ସଂଖ୍ୟା -୪୯



Deepanjali Dugal,
Jr. Agrometeorologist



ବୁଲେଟିନ ନମ୍ବର :୯୮
ତାରିଖ : ୦୮.୧୨.୨୦୨୩
(ଶୁକ୍ରବାର)


## ଢେଙ୍କାନାଳ ଜିଲ୍ଲା

**ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା ୦୨.୧୨.୨୦୨୩ ରୁ ୦୮.୧୨.୨୦୨୩)**

| | |
|---|---|
| ବୃଷ୍ଟିପାତ (ମି.ମି.) | ୧୮.୬ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ၂୧.୨-୩୨.୨ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୮.୨-୨୨.୭ |

**ଆଞ୍ଚଳିକ ପାଣିପାଗ କେନ୍ଦ୍ର,ଭୁବନେଶ୍ୱର ଅନୁଯାୟୀ ଆଗାମୀ ୧୩ ତାରିଖ ପର୍ଯ୍ୟନ୍ତ ପାଣିପାଗସୂଚନା**

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 09-12-2023 | 2 | 26 | 16 | 6 | 92 | 59 | 4 | 116 |
| 10-12-2023 | 0 | 28 | 15 | 4 | 85 | 47 | 5 | 72 |
| 11-12-2023 | 0 | 29 | 14 | 3 | 80 | 45 | 5 | 150 |
| 12-12-2023 | 0 | 29 | 14 | 2 | 67 | 34 | 5 | 105 |
| 13-12-2023 | 0 | 29 | 14 | 2 | 65 | 30 | 5 | 158 |

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆସନ୍ତା କାଲି ଅତିସ୍ୱଳ୍ପ ବର୍ଷା ଏହା ପରେ ୪ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ଓ ଆକାଶ ମୁଖ୍ୟତଃ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୪-୦୫ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୨୬°C- ୨୯°C ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୪°C ରୁ ୧୬°C ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୬୫ ରୁ ୯୨ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୩୦ରୁ ୫୯ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

### କୃଷିସୂଚନା

- ବର୍ଷା ପରେ, ମାଟିର ଆର୍ଦ୍ରତାକୁ ଉପଯୋଗ କରି ରବି ଫସଲ ଓ ଶୀତ ଦିନିଆ ପନିପରିବା ବୁଣାବୁଣି କାର୍ଯ୍ୟ ଆରମ୍ଭ କରନ୍ତୁ ।
- ବର୍ତମାନ ହୋଇଥିବା ବର୍ଷା ଯୋଗୁଁ ବାଇଗଣ, ଟମାଟୋ ଓ ଲଙ୍କା ଆଦି ପନିପରିବାରେ ଶୋଷକ ଜାତୀୟ କୀଟ ଯଥା ଜଉ, ଉକୁଣିଆ ପୋକ, ଅଷ୍ଟପଦୀ ପୋକ ଦେଖା ଦେବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ Imidachloprid @ ୦.୩ ମିଲି କିମ୍ବା Fipronil @ ୨ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ଆଳୁ ଓ ପିଆଜ ଫସଲରେ ବର୍ଷା ପାଣି ଜମିରହିଥିଲେ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ ।

**ଧାନ:**
ଅମଳ ହୋଇଥିବା ଧାନକୁ ବିଲରେ ଛାଡନ୍ତୁ ନାହିଁ । ସୁରକ୍ଷିତ ସ୍ଥାନକୁ ଆଣି ପୋଲିଥିନ ଦ୍ୱାରା ଘୋଡାଇ ରଖନ୍ତୁ । ଅମଳ ହୋଇନଥିବା ଧାନ ପାଇଯାଇଥିଲେ ବର୍ଷା ପରେ ହଳା କରି ଟେକନ୍ତୁ ।

**ମୁଗ ଓ ବିରି :**
ମୁଗ ଓ  ବିରି ଫସଲରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି **Sulphur 80% WP @** ୮୦୦ ଗ୍ରାମ କିମ୍ବା **Hexaconazole ୫% E.C @** ୩୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ:**
ସୋରିଷ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୮ଟି ହଳଦିଆ ଅଠାଯୁକ୍ତ ଯନ୍ତା ରଖନ୍ତୁ । ପ୍ରତି ଲିଟର ପାଣିରେ ୫ ଗ୍ରାମ **Verticillium lecanii** ନାମକ ଜୈବ ବିଷ ମିଶାଇ ଫସଲରେ ସିଞ୍ଚନ କରନ୍ତୁ । ଏକର ପ୍ରତି ୬୦୦ ମିଲି ନିମ୍ବ ଜାତ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ଏକର ପ୍ରତି ୫୦ ଗ୍ରାମ **Thiamethoxam** କିମ୍ବା ୫୦ ଗ୍ରାମ **Acetamiprid** ନାମକ କୀଟନାଶକ**,** ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଚିନାବାଦାମ:**
ଚିନାବାଦାମ ଫସଲରେ ପତ୍ର ସୁଡଙ୍ଗୀ ପୋକ ଲାଗିବାର ସମ୍ଭାବନା ଅଛି ।ଏହି ରୋଗର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି **Profenophos ୫୦% EC @** ୪୦୦ ମିଲି କିମ୍ବା **Chlorpyriphos ୫୦% + Cypermethrin ୫ % E.C @** ୪୦୦ ମିଲି**,** ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ପିଆଜ:**
ତଳି ପଟାଳିରେ ଘେରାକଟା ରୋଗ ନ ହେବା ପାଇଁ**,** ବିହନ ଲଗେଇବା ପୂର୍ବରୁ ଏକ କିଲୋଗ୍ରାମ ବିହନରେ ୨ଗ୍ରାମ **Carbendazim** ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ **Carboxin** ଓ **Thiram** ର ମିଳିତ ଫିମ୍ପିନାଶକ**,** ବିହନରେ ଗୋଳାଇ ବିଶୋଧନ କରନ୍ତୁ । ପିଆଜ ତଳି ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାଯାଏ।

**ବନ୍ଧା କୋବି ଓ ଫୁଲକୋବି:**
କୋବି ଫସଲରେ ଠିକିରି ପିଠିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬ -୮ ଟି ଆଲୋକ ଯନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM  Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦ ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୮୦ ଗ୍ରାମ Emamectin Benzoate ୫% SG ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ବାଇଗଣ :**
ବାଇଗଣରେ ପତ୍ର ଖିଆ ଓ ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି **Emamectin benzoate @** ୮୦ ଗ୍ରାମ କିମ୍ବା **Spinosad @** ୮୦ ମିଲି **,** ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଲଙ୍କାମରିଚ:**
ଲଙ୍କାମରିଚ ଫସଲ ରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ  ମକ ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି। ପ୍ରାଥମିକ ଅବସ୍ଥା ରେ ଏହି

କରନ୍ତୁ। ରାସାୟନିକ ଉପାୟରେ ଏକର ପ୍ରତି ୪୦ ଗ୍ରାମ **Thiamethoxam** କିମ୍ବା ୫୦ ଗ୍ରାମ **Acetamiprid** କିମ୍ବା ୪୦୦ ମିଲି **Profenophos** ଓ **Fenpyroximate** ର ମିଳିତ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ।

**ମତ୍ସ୍ୟ ସମ୍ପଦ:**

ଶୀତ ଋତୁ ରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ । ଏହି ରୋଗମାନଙ୍କର ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି **CIFAX @** ୪୦୦ ମିଲି ୪୦ ଲିଟର ପାଣି ରେ ମିଶାଇ ବିଶୋଧନ କରନ୍ତୁ । ପ୍ରତି ଦିନ ମାଛ ମାନଙ୍କୁ ତେଲ ପିଡିଆ ଖାଇବାକୁ ଦିଅନ୍ତୁ ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**